## ସଂକ୍ଷେପରେ

### ନରିଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା



ପାଲଲହଡ଼ା, ୧୧।୧(ଡି.ଏନ.ଏ.)- ୯୦ ବର୍ଷ ବୟସ ପରେ ନାଗିରା ପଞ୍ଚାୟତ ନମଗାଁର ବୃଦ୍ଧା ନରି ବେହେରାଙ୍କୁ ମିଳିଛି ବର୍ଦ୍ଧିତ ବିଧବା ଭତ୍ତା। ଏ ନେଇ ଗତ ୪ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶନ ପରେ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ନରିଙ୍କ ଭତ୍ତାକୁ ୩ଶହରୁ ୫ଶହକୁ ବୃଦ୍ଧି କରିଛି। ଆଗାମୀ ୧୫ ତାରିଖରୁ ତାଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ ବୋଲି ପାଲଲହଡ଼ା ବିଡିଓ ତ୍ରିବିକ୍ରମ କୁମୁରା ଏବଂ ବ୍ଲକ ଅଧକ୍ଷ ମୁକେଶ କୁମାର ପାଲ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି, ୨୦ ବର୍ଷ ତଳୁ ସ୍ୱାମୀ ଧରଣୀ ବେହେରାଙ୍କ ମୃତ୍ୟୁ ଘଟିବା ପରେ ସରକାର ତାଙ୍କୁ ୩୦୦ ଟଙ୍କା ବିଧବା ଭତ୍ତା ପ୍ରଦାନ କରିଥିଲେ। କିନ୍ତୁ ୯୦ ବର୍ଷ ବୟସ ପରେ ମଧ ତାଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇ ନ ଥିଲା।

### ଗଳିତ ମୃତଦେହର ପଞ୍ଚନାମା

ଅନୁଗୋଳ ଅଫିସ/ ଛେଣ୍ଡିପଦା (ସ୍ୱ.ପ୍ର.) ୧୧।୧- ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ଗୁରୁବାର ବିଳମ୍ବିତ ରାତିରେ ମହିତଳା ଜଙ୍ଗଲରେ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଠାବ କରିଥିଲା। ଶୁକ୍ରବାର ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମୃତଦେହର ପଞ୍ଚନାମା କରାଯିବା ପରେ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ପରିଚୟ ମିଳି ନ ଥିବାରୁ ଆଇନ ଅନୁଯାୟୀ ମୃତଦେହ ୭୨ ଘଣ୍ଟା ରଖାଯିବ। ଚିହ୍ନଟ ପାଇଁ ସବୁ ଥାନାକୁ ଖବର ଦିଆଯାଇଥିବା ନିଶା ଥାନା ଅଧିକାରୀ ଲବ ବୋଡା ସୂଚନା ଦେଇଛନ୍ତି। ଚିହ୍ନଟ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ନଚେତ ପୋଲିସ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ ପୋତି ଦିଆଯିବ ବୋଲି ନିଶା ଥାନା ଅଧିକାରୀ କହିଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୧୧।୧- ଅନୁଗୋଳ ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଜଗତପୁରର ଶରତ ପ୍ରଧାନ। ଦେଢ଼ମାସ ହେବ ଫେରାର ଥିବା ଶରତଙ୍କୁ ଜଗତପୁରରୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ ଯେ, ସମ୍ପୃକ୍ତା ଭିନ୍ନକ୍ଷମ ଯୁବତୀଙ୍କୁ ଶରତ ପ୍ରେମ ଜାଲରେ ଫସାଇଥିଲେ। ପରେ ବିବାହ କରିବାର ପ୍ରତିଶ୍ରୁତି ଦେଇ ଅନୁଗୋଳରୁ ତାଙ୍କୁ ନେଇ ପଳାଇଥିଲେ। ହେଲେ ବଳାତ୍କାର କରିବା ପରେ ତାଙ୍କୁ ବସ୍‌ରେ ଛାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନଂ. ୮୧୦/୧୮ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ଶରତ ବିବାହିତ ଏବଂ ତାଙ୍କର ୩ଟି ପିଲା ଥିବା ପୋଲିସ କହିଛି।

### ଜଳିଗଲା ୨ ହଜାର ଧାନ ବିଡ଼ା

ଛେଣ୍ଡିପଦା,୧୧।୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ବରପଦା ଗ୍ରାମରେ ଶୁକ୍ରବାର ଆର୍ତ୍ତ ସାହୁ, ଧୁବେଇ ସାହୁ, ଶୁକ୍ରୁ ସାହୁ, ଭକ୍ତି ସାହୁଙ୍କ ଖଳାରେ ଅଗ୍ନିକାଣ୍ଡ ଘଟି ୨ ହଜାରରୁ ଊର୍ଦ୍ଧ୍ୱ ଧାନବିଡ଼ା ସମ୍ପୂର୍ଣ୍ଣ ଜଳିଯାଇଛି। ଛେଣ୍ଡିପଦା ଅଗ୍ନିଶମ ବାହିନୀ କର୍ମଚାରୀ ଓ ଗ୍ରାମବାସୀଙ୍କ ସହଯୋଗରେ ନିଆଁ ଆୟତ୍ତ କରାଯାଇଥିଲା। ଏଥିରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ବେଳେ ରାଇଝରଣ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ୨ ଅଭିଯୁକ୍ତ କୋର୍ଟଚାଲାଣ

କଣିହାଁ, ୧୧।୧(ଡି.ଏନ.ଏ.)- କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ପୋଲିସ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଥାନା ଅଧିକାରୀ ଶୋଭା ପଟ୍ଟନାୟକଙ୍କ ସୂଚନା ମୁତାବକ, ତାଳଚେର ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡାଙ୍କ ସହଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ନଭେମ୍ବର ୪ରେ ରଙ୍ଗବେଡା ଗ୍ରାମର ରବି ସେଠୀ ଆମ୍ବପାଳ ଗ୍ରାମର ସୁଶୀଳ ଦାସଙ୍କ ଛୁରାମାଡ଼ରେ ଗୁରୁତର ହୋଇଥିଲେ। ସୁଶୀଳଙ୍କ ନାମରେ ଅନେକ ମାମଲା ଥିବାବେଳେ ସେ ଫେରାର ଥିଲେ। ସେହିପରି ୨୦୧୭ରେ ଏନ୍‌ଟିପିସି ବଜାର ଢାବା ମାଲିକ ମଙ୍ଗୁଲୁ ପ୍ରଧାନଙ୍କୁ ଗୁଳି କରି ହତ୍ୟା କରିବା ଅଭିଯୋଗରେ ଆମ୍ବପାଳ ଗ୍ରାମର ରଣଜିତ ଦାସଙ୍କୁ ଗିରଫ କରାଯାଇଛି।

## ସୁରକ୍ଷା ମଞ୍ଚର ଅର୍ଥନୈତିକ ଅବରୋଧ ଆନ୍ଦୋଳନ

# ଖଣି ଅଞ୍ଚଳରେ ଅଖ, ଚକ ଠପ୍



ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ ଚାଲିଛି।



ଆନ୍ଦୋଳନ ଯୋଗୁ ଦୋକାନ ବଜାର ବନ୍ଦ ରହିଛି।

ତାଳଚେର,୧୧।୧(ନି.ପ୍ର.)

୧୬ ଦଫା ଦାବି ନେଇ ଶୁକ୍ରବାରଠାରୁ ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଆରମ୍ଭ କରାଯାଇଛି। ଏହାଦ୍ୱାରା ସମଗ୍ର କୋଲ୍ ଫିଲଡ୍‌ସରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏମ୍‌ସିଏଲ୍‌ର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ ଓ କଣିହାଁ କୋଇଲା ଖଣି ସମେତ ମୋଟ୍ ୧୦ ଟି ଖଣିର ସମସ୍ତ କାର୍ଯ୍ୟ, ଉତ୍ତୋଳନ, ପରିବହନ ଠପ୍ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାର ସମେତ ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ବ୍ୟାହତ ହୋଇଛି।

ଆନ୍ଦୋଳନକାରୀମାନେ ସକାଳ ଠାରୁ ବିଭିନ୍ନ କୋଇଲା ଖଣି, ଜେନେରାଲ ମ୍ୟାନେଜରଙ୍କ ଅଫିସ, ପ୍ରକଳ୍ପ ଅଧିକାରୀଙ୍କ ଅଫିସ, ଟାଇମ୍ ଅଫିସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଖଣି କାର୍ଯ୍ୟ ବନ୍ଦ କରାଇଥିଲେ। ଏଥିଯୋଗୁ ଖଣି କାର୍ଯ୍ୟ ସହ ରେଳ ଓ ସଡ଼କ ପଥରେ କୋଇଲା ପରିବହନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନକାରୀଙ୍କ ଅନୁରୋଧ କ୍ରମେ ସମସ୍ତ ଦୋକାନ ବଜାର, ବ୍ୟାଙ୍କ ଆଦି ବନ୍ଦ ରହିଛି। ସରକାରୀ ଅଫିସ ନାମକୁ ମାତ୍ର ଖୋଲା ରହିଛି। ମଞ୍ଚ ସଭାପତି ମୁରଲୀଧର ସାହୁ, ସମ୍ପାଦକ ନରହରି ସାହୁ, ଲିପୁନା ଭୁକ୍ତା, ରାଜେଶ ଦାସ, ସନ୍ତୋଷ ପ୍ରଧାନ, ଅବନୀକାନ୍ତ ଦେହୁରୀ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି ୨୦୦୬, ଏହାର ସ୍ପଷ୍ଟୀକରଣ, ସଂଶୋଧନ ଏବଂ ଦଶମ ଆର୍‌ପିଡିଏସି ବୈଠକର ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା, ତାଳଚେର କୋଲ୍‌ଫିଲଡସ ନାମରେ ନୂତନ କୋଇଲା କମ୍ପାନୀ ପ୍ରତିଷ୍ଠା, ତାଳଚେର ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିବା, ଜଗନ୍ନାଥକ୍ଷେତ୍ରର ୩ ଓ ୪ ନମ୍ବର ରେଲୱେ ସାଇଡିଂରୁ ବହିଷ୍କୃତ ୧୩୧ ଠିକା ଶ୍ରମିକଙ୍କୁ ପୁନଃନିଯୁକ୍ତି, ବାଙ୍କଧରା ଛକ ଠାରୁ ବହ୍ଲର ଛକ ପର୍ଯ୍ୟନ୍ତ ଫ୍ଲାଇଓଭର ବ୍ରିଜ୍ ଓ ବଅଁରପାଳ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ନିର୍ମାଣ, ତାଳଚେର ବିମଳାଗଡ ରେଳପଥର ହାଣ୍ଡିଧୂଆଁ-ଶର୍ମାଛକ ଲେଭଲ କ୍ରସିଂକୁ ରୋଡ୍ ଅଣ୍ଡରପାସ ବ୍ରିଜ କରାଯିବା, ତାଳଚେରରୁ ହିଙ୍ଗୁଳାମନ୍ଦିର ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ନିର୍ମାଣ ଆଦି ପୂରଣ ପାଇଁ ଦୀର୍ଘଦିନ ହେଲା ମଞ୍ଚ ପକ୍ଷରୁ ଦାବି କରାଯାଇ ଆସୁଛି। କିନ୍ତୁ ପ୍ରଶାସନ ତାହା ପୂରଣ କରୁ ନ ଥିବା ବେଳେ ଗୁରୁବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକ ବିଫଳ ହୋଇଥିଲା। ଏହା ପରେ ମଞ୍ଚ ପକ୍ଷରୁ ଅର୍ଥନୈତିକ ଅବରୋଧ ଆରମ୍ଭ କରାଯାଇଛି।

ଅପରପକ୍ଷରେ ଏକ ପ୍ରେସ୍ ଇସ୍ତାହାରରେ ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି ଯେ, ତାଳଚେର କୋଲ ଫିଲଡ୍‌ସରୁ ଦୈନିକ ୩ ଲକ୍ଷ ଟନ୍ କୋଇଲା ଉତ୍ପାଦନ ହୋଇଥାଏ। ବାରମ୍ବାର ଆନ୍ଦୋଳନ ଯୋଗୁ ଏମ୍‌ସିଏଲର ପ୍ରଭୂତ କ୍ଷତିହେବା ସହ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ଓ ଖଣିଜ ପାଣ୍ଠିର କ୍ଷତି ଘଟୁଛି। ଏହି ଆନ୍ଦୋଳନ ଯୋଗୁ ବିଦ୍ୟୁତ୍ ପ୍ରକଳ୍ପଗୁଡିକରେ କୋଇଲାର ଅଭାବ ଦେଖାଗଲାଣି ବୋଲି କୁହାଯାଇଛି।

### ୧୯ରେ ଉଦ୍‌ଘାଟନ ହେବ ପରିବାର ଓ ଭିଜିଲାନ୍ସ କୋର୍ଟ

ଅନୁଗୋଳ ଅଫିସ, ୧୧।୧

ଅନୁଗୋଳ ଜିଲା କୋର୍ଟ ପରିସରରେ ଆସନ୍ତା ୧୯ ତାରିଖରେ ପରିବାର ଅଦାଲତ ଓ ଭିଜିଲାନ୍ସ କୋର୍ଟ ଉଦ୍‌ଘାଟନ ହେବ। ଏ ନେଇ ଶୁକ୍ରବାର ଅନୁଗୋଳ ଓକିଲ ସଂଘର ପ୍ରସ୍ତୁତି ବୈଠକ ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦିଲୀପ କୁମାର ଦାସଙ୍କ ସଭାପତିତ୍ୱରେ ବୈଠକରେ କର୍ମକର୍ତ୍ତାମାନେ ସ୍ୱତନ୍ତ୍ର ଜିଲା କୋର୍ଟ ଭାବେ ଅନୁଗୋଳ ମାନ୍ୟତା ପାଇଥିବାରୁ ସରକାର ଓ ହାଇକୋର୍ଟ ନିକଟରେ କୃତଜ୍ଞତା ଜଣାଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଜିଲା ଜଜ୍ ଅଶାନ୍ତ କୁମାର ଦାସ, ଅତିରିକ୍ତ ଜିଲା ଜଜ୍ ସୌଭାଗିନୀ ମଲ୍ଲିକ, ସିଜେଏମ୍ ସୁରେଶ ଚନ୍ଦ୍ର ପ୍ରଧାନ, ରେଜିଷ୍ଟ୍ରାର ପି. ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଜଜ୍ ଦାସ ଏହି ଉଦ୍‌ଘାଟନ ଉତ୍ସବକୁ ସଫଳ ତଥା ସ୍ମରଣୀୟ କରିବା ପାଇଁ ସଂଘର ସହଯୋଗ କାମନା କରିଥିଲେ। ଉତ୍ସବରେ ଜଷ୍ଟିସ ବିଶ୍ୱନାଥ ରଥ ଦୁଇଟି କୋର୍ଟକୁ ଉଦ୍‌ଘାଟନ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ଅବସରରେ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବା କାର୍ଯ୍ୟକ୍ରମ ମଧ ରହିଛି। ଏହି ପ୍ରସ୍ତୁତି ବୈଠକରେ ସଂଘ ଉପସଭାପତି ମମତା ପଟ୍ଟନାୟକ, କୋଷାଧକ୍ଷ କୁଶ ସାହୁ, ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଅନୁଗୋଳରେ ପ୍ରଥମ ଥର

# ମେଶିନ୍‌ରେ ସଫେଇ ହେଲା ରାସ୍ତା




ଅନୁଗୋଳ ଅଫିସ, ୧୧।୧

ଅନୁଗୋଳ ସହରରେ ପ୍ରଥମ ଥର ପାଇଁ ରାସ୍ତା ସଫେଇ କାର୍ଯ୍ୟ ମେଶିନ୍ ମାଧ୍ୟମରେ କରାଯାଇଛି। ଶୁକ୍ରବାର ପରୀକ୍ଷାମୂଳକ ଭାବେ ବସ୍‌ଷ୍ଟାଣ୍ଡ ପାଖରୁ ବଜାରଛକ ପର୍ଯ୍ୟନ୍ତ ମେଶିନ ଚଳାଯାଇଥିଲା। ସଫେଇ କାର୍ଯ୍ୟରେ ପ୍ରଥମଥର ପାଇଁ ମେଶିନ୍ ଲଗାଯାଇଥିବା ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସପ୍ତାହେ ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭାବେ ମେଶିନ ସଫେଇ କାର୍ଯ୍ୟରେ ନିୟୋଜିତ ହେବ। ପରେ ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ। ଆଗକୁ ରାତିରେ ମେଶିନ୍ ବୁଲି ସହର ରାସ୍ତାରୁ ଧୂଳି, ବାଲି ସହ ଅଳିଆ ଉଠାଇବ। ସଫେଇ କାର୍ଯ୍ୟ ନେଇଥିବା କଣ୍ଟ୍ରାକ୍ଟର ଏହି ମେଶିନ୍ ଆଣିଥିବା ବେଳେ ପୌରପାଳିକା ପକ୍ଷରୁ କେବଳ ଟ୍ରାକ୍ଟର ଯୋଗାଇ ଦିଆଯିବ। ଫଳରେ ରାସ୍ତା ସଫେଇରେ ନିୟୋଜିତ କର୍ମଚାରୀମାନେ ଅନ୍ୟତ୍ର କାର୍ଯ୍ୟରେ ଲାଗିବେ ବୋଲି ନିର୍ବାହୀ ଅଧିକାରୀ କହିଛନ୍ତି। ଏପରି କି ମେଶିନ୍‌ରେ ହେଉଥିବା ରାସ୍ତା ସଫେଇର କାର୍ଯ୍ୟ ମଧ ତଦାରଖ କରାଯିବ ବୋଲି ସେ କହିଛନ୍ତି।

### ୮୦ ୟୁନିଟ୍ ରକ୍ତ ସଂଗ୍ରହ

ଛେଣ୍ଡିପଦା,୧୧।୧(ସ୍ୱ.ପ୍ର)

ଛେଣ୍ଡିପଦା ବାପୁଜୀ କଲେଜରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଲୋକନାଥ ସାହୁ ଓ ରେଡକ୍ରସ୍ କାଉନସେଲର ଡ. ମାନସ ରଞ୍ଜନ ଦାସମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧାପିକା ଅଧାପକ, ରେଡକ୍ରସ, ରେଡରିବନ, ଏନ୍‌ଏନଏସ, ଏନ୍‌ସିସି ଛାତ୍ରୀଛାତ୍ର ରକ୍ତଦାନ କରିଥିଲେ। ଏଥିରେ ମୋଟ୍ ୮୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନୁଗୋଳ ବ୍ଲଡ ବ୍ୟାଙ୍କର ମନୋଜ କୁମାର ପରିଡା, ଜିତେନ ଦାଶ, କମଳ ଲୋଚନ ସାହୁ, ସିପୁନ ବେହେରା, ଅଧାପକ ପ୍ରଶାନ୍ତ ସାହୁପ୍ରମୁଖ ଶିବିର ପରିଚାଳନା କରିଥିଲେ।

### କଲେଜ ବାର୍ଷିକ କ୍ରୀଡ଼ା

ପବିତ୍ରନଗର, ୧୧।୧(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ଯୁକ୍ତ ୨ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପ୍ରାଧାପକ ଶୁଭେନ୍ଦୁ ପ୍ରସନ୍ନ ବର୍ମା ଉତ୍ସବ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଧନେଶ୍ୱର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଣବ କିଶୋର ଗଡନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ୩ ମହାବିଦ୍ୟାଳୟର ଶିକ୍ଷକ ଧ୍ରୁବଚରଣ ସାହୁ, ତାଳପଦା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଭାଗୀରଥି ବିଶ୍ୱାଳ ଖେଳ ପରିଚାଳନା କରିଥିଲେ।

# ବୁଡ଼ିଯାଉଥିବା କଳାର ପୁନରୁଦ୍ଧାର ଆବଶ୍ୟକ



ବ୍ଲକ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

କଣିହାଁ, ୧୧।୧(ଡି.ଏନ.ଏ.)

ଅନୁଗୋଳ ଜିଲା ମହୋତ୍ସବ ଉପଲକ୍ଷେ ଶୁକ୍ରବାର କଣିହାଁ ଗାନ୍ଧୀ ସ୍ମୃତି ପୀଠଠାରେ ବ୍ଲକସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧକ୍ଷା ନମିତା ସାହୁ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ନବଘନ ସାମଲ, ସରପଞ୍ଚ ଦୁଃଶାସନ ସାହୁ, ସୁଲୋଚନା ପ୍ରଧାନ, ନିଶାକର ବିଶ୍ୱାଳ ଯୋଗଦେଇ ବୁଡିଯାଉଥିବା ଲୋକକଳାର ପୁନରୁଦ୍ଧାର ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ଏଥିସହ ପ୍ରତିଭା ପ୍ରଦର୍ଶନ କରି କଳାକାରମାନେ ଆଗକୁ ବଢିବାକୁ ମହୋତ୍ସବ ଶକ୍ତି ଯୋଗାଇଥାଏ ବୋଲି ଅତିଥିମାନେ କହିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ୩୫ କଳାକାର ଦଳ ଭାଗ ନେଇ ପାଲା, ଦଣ୍ଡ, ସମ୍ବଲପୁରୀ, ସଂକୀର୍ତ୍ତନ, ଖଜଣି, ସାନ୍ତାଳ ବାଦ୍ୟନୃତ୍ୟ, ଲଉଡି, ପାଇକଆଖଡା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଚାରକ ଭାବେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ପଟ୍ଟନାୟକ, ଦ୍ୱିଲୋକ ପାତ୍ର, ବିନାୟକ ପ୍ରଧାନ ଉପସ୍ଥିତ ରହି କୁଲୁମା ପଞ୍ଚାୟତ ଖୁଣ୍ଟୋ ଗ୍ରାମର ଡାଲଖାଇ ଘଣ୍ଟବାଦ୍ୟ ଦଳ, ଡେରେଙ୍ଗ ସତ୍ୟନାରାୟଣ ପାଲାସଂଘ, କଣିହାଁ ପଞ୍ଚାୟତ ପଥରମୁଣ୍ଡା ଗ୍ରାମ ଶ୍ରୀ ଅରବିନ୍ଦ କଳାକେନ୍ଦ୍ରକୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜିଲା ମହୋତ୍ସବକୁ ମନୋନୀତ କରିଥିଲେ। ବ୍ଲକ କର୍ମଚାରୀ ଶରତ ବିଶ୍ୱାଳ, ସନ୍ତୋଷ ମିଶ୍ର ସହଯୋଗ କରିଥିଲେ। ଅନ୍ୟପକ୍ଷରେ ତରବରିଆ ଭାବେ ମହୋତ୍ସବ ପାଳନ ଓ ଏ ନେଇ ପଞ୍ଚାୟତର କଳାକାରମାନେ ସୂଚନା ନ ପାଇବାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ବ୍ଲକ କର୍ତ୍ତୃପକ୍ଷ ଆଗକୁ ଏପରି ହେବ ନାହିଁ ବୋଲି କହିବା ସହ ପ୍ରକୃତ କଳାକାରଙ୍କୁ ଉଚିତ୍ ସମ୍ମାନ ଦିଆଯିବ ବୋଲି ପ୍ରକାଶ କରିଥିଲେ।

# ୧୦୬୧ ଶ୍ରମିକଙ୍କୁ ସାଇକେଲ ବଣ୍ଟନ



ବନ୍ତଳା,୧୧।୧(ଡି.ଏନ.ଏ.)

ଅନୁଗୋଳ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ପ୍ରଦାନ ଓ ସଚେତନତା ଶିବିର ଶୁକ୍ରବାର ବନ୍ତଳା ଛକସ୍ଥିତ ଶଙ୍ଖପୁର ମଦନମୋହନ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମିକ କମିଶନର ଦୁର୍ଯ୍ୟୋଧନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ନିରଞ୍ଜନ ଦେହୁରୀ, ଉପାଧକ୍ଷା ମମତା ପ୍ରଧାନ, ପୂର୍ବତନ ଖଦିବୋର୍ଡ ଚେୟାରମ୍ୟାନ ତ୍ରିଲୋଚନ ପ୍ରଧାନ, ଜିଲାପରିଷଦ ସଭ୍ୟ ହାଡ଼ିବନ୍ଧୁ ଦେହୁରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭାଗୀରଥି ମାଝି, ଜିଲା ଶ୍ରମିକ ଅଧିକାରୀ ଲକ୍ଷ୍ମଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୦୬୧ ଜଣ ଶ୍ରମିକ ହିତାଧିକାରୀଙ୍କୁ ସାଇକେଲ, ୨୦୦ ଜଣ ଶ୍ରମିକଙ୍କୁ ନୂତନ ଶ୍ରମିକ ପଞ୍ଜୀକରଣ କାର୍ଡ ବଣ୍ଟନ କରାଯାଇଥିଲା। ଓଡ଼ିଶା ନିର୍ମାଣ ମଜଦୁର୍ ସଙ୍ଘର ସମ୍ପାଦକ ମୁନା ପ୍ରଧାନ, ତ୍ରିଲୋଚନ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ। ଶ୍ରମିକ ବିଭାଗର ଆରଏଲଆଇ ପଦ୍ମାବତୀ ମାରାଣ୍ଡି ଧନ୍ୟବାଦ ଦେଇଥିଲେ। ତେବେ ସକାଳ ସାଢେ ୧୦ଟାରେ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ମୁଖ୍ୟଅତିଥି ପ୍ରାୟ ଘଣ୍ଟାଏ ବିଳମ୍ବରେ ପହଞ୍ଚିବାକୁ ନେଇ ଶିବିରକୁ ଆସିଥିବା ଶ୍ରମିକଙ୍କ ମଧରେ ଅସନ୍ତୋଷ ଦେଖାଦେଇଥିଲା।

## ଜଙ୍ଗଲ ପଦା କଲେଣି ମାଫିଆ

# ସବୁ ଜାଣି ବିଭାଗ ଚୁପ୍

ପାଲଲହଡ଼ା, ୧୧।୧(ଡି.ଏନ.ଏ.)

ଦେବଗଡ଼ ବନଖଣ୍ଡ ଖମାର ବନାଞ୍ଚଳରେ ମାତିଛନ୍ତି କାଠ ମାଫିଆ। ପ୍ରତିଦିନ ସେମାନେ ଜଙ୍ଗଲରୁ ଟ୍ରିପ୍ ଟ୍ରିପ୍ ମୂଲ୍ୟବାନ କାଠ ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ କରୁଥିଲେ ମଧ ବନ ବିଭାଗ ଚେଇଁ ଶୋଇଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଫଳରେ ଦିନକୁ ଦିନ ଜଙ୍ଗଲ ପଦା ହେବାକୁ ଲାଗିଥିବା ବେଳେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସ୍ଥାନୀୟ ପରିବେଶବିତ୍।

ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ, କିଛି ଦିନ ହେବ ବନାଞ୍ଚଳର ଚାରିଗଛିଆ, କୁରୁମୂଳା, ରୋହିରା ଆଦି ସ୍ଥାନରେ ଥିବା ସଂରକ୍ଷିତ ଜଙ୍ଗଲରୁ ବେଧଡକ ଭାବେ ମୂଲ୍ୟବାନ



ଗଛ କଟାଯାଉଛି। ଖମାର ଅଞ୍ଚଳର କାଠମାଫିଆମାନେ କେତେଜଣ ବନ କର୍ମଚାରୀଙ୍କୁ ହାତ କରି ରାତି ଅଧିଆ ଅନୁଗୋଳ, ତାଳଚେର ଅଞ୍ଚଳକୁ କାଠ ଚୋରାଚାଲାଣ କରୁଛନ୍ତି। ମାଫିଆମାନେ ପାହାଡ଼ ତଳିଆ ଗ୍ରାମର କେତେଜଣ ଯୁବକଙ୍କୁ ସେମାନଙ୍କ ସହ ସାମିଲ କରି ପାହାଡ଼ ଉପର ଭାଗରେ ଥିବା ବଡ଼ବଡ଼ ଗଛସବୁକୁ କାଟି ଦେଉଛନ୍ତି। ଜଙ୍ଗଲ ମଧରେ ରୀତିମତ କାଠକଟା ସହ ସ' ମିଲ୍ ଚାଲୁଥିଲେ ମଧ ବନବିଭାଗ କେମିତି ଜାଣି ପାରୁ ନାହିଁ ସେ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଖମାର ରେଞ୍ଜର ରମାକାନ୍ତ ସେଠୀଙ୍କୁ ପଚାରିବାରେ କହିଛନ୍ତି, ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ସେ ଚଢ଼ାଉ ଜାରି ରଖିଛନ୍ତି। ଏଥିରେ ସଫଳତା ମଧ ମିଳୁଥିବା ସେ ପ୍ରକାଶ କରିଛନ୍ତି।

### ଉନ୍ନୟନ କାର୍ଯ୍ୟର ସମୀକ୍ଷା

ପବିତ୍ରନଗର, ୧୧।୧(ଡି.ଏନ.ଏ.)

କଣିହାଁ ବ୍ଲକ ସମଲଠାରେ ଶୁକ୍ରବାର ଜିଲା ଯୋଜନା କମିଟି ଅଧକ୍ଷ ତଥା ପାଲଲହଡ଼ା ବିଧାୟକ ମହେଶ ସାହୁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଅନୁଷ୍ଠିତ ବୈଠକରେ ସମସ୍ତ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, କଣିହାଁ ବିଡିଓ ରମେଶ କୁମାର ଜେନା, ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ, ବ୍ଲକ ଶିକ୍ଷଣ ଅଧିକାରୀ ଖଗେଶ୍ୱର ବେହେରା, ଜିଲା କୃଷି ଅଧିକାରୀ ତାଳଚେରର ଲକ୍ଷ୍ମୀ ନାରାୟଣ ଶତପଥୀ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ଖିଲାର, ବ୍ଲକ ପ୍ରାଣୀଧନ ଅଧିକାରୀ ଡ. କେଶବ ଚନ୍ଦ୍ର ପ୍ରଧାନ, ଅବକାରୀ ନିରୀକ୍ଷକ ସେକ୍ ଅବଦୁଲ, ସିଡିପିଓ ଝୁନୁବାଳା ଦେଇ, ଯନ୍ତ୍ରୀ ସନ୍ତୋଷ କୁମାର ସାହୁ, କୁମୁଦ ଚନ୍ଦ୍ର ଦେହୁରୀ, ଦାମୋଦର କୈବର୍ତ୍ତ୍ୟ, ସେତୁ ସହକାରୀ ଯନ୍ତ୍ରୀ ମନୋଜ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାତୀ ଦେଖି ବାଇକ୍‌ରୁ ଖସିପଡ଼ିଲେ ଯୁବକ



ପରଜଙ୍ଗ, ୧୧।୧(ଡି.ଏନ୍.ଏ.)- ପରଜଙ୍ଗ ବ୍ଲକ ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାର ବଡ଼ଜୋରା ଆଶ୍ରମ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବାଇକ୍‌ରୁ ଖସିପଡ଼ି ମେଣ୍ଢାପଦା ଗ୍ରାମର ଅରବିନ୍ଦ ବିଶ୍ୱାଳ ଗୁରୁତର ହେଛନ୍ତି। ଯୁବକ ଜଣକ କୁମୁସୀ ଗ୍ରାମକୁ ଯାଉଥିବାବେଳେ ହଠାତ୍ ରାସ୍ତା ଉପରକୁ ଏକ ଦନ୍ତାହାତୀ ଚାଲିଆସିଥିଲା। ହାତୀକୁ ଦେଖି ଯୁବକଜଣକ ଭୟରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସିପଡ଼ିଥିଲେ। ତାଙ୍କ ପଛରେ ଯାଉଥିବା ଅନ୍ୟ ଯାତ୍ରୀମାନେ ପାଟି କରିବାରୁ ହାତୀ ପଳାଇ ଯାଇଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି।

### ଦୁର୍ଘଟଣାରେ ୨ ଗୁରୁତର

ପରଜଙ୍ଗ,୧୧।୧(ଡି.ଏନ୍.ଏ.)- ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ହାତୀଲୁଚାଣି ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ବାଇକ୍ (ଓଡ଼ି ୦୬ ଏ ୮୧୯୦) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କୁସୁମନାଳି ଗ୍ରାମର ପ୍ରବୀଣ ସାହୁ ଏବଂ ତାଙ୍କ ପଛରେ ବସିଥିବା ପ୍ରତିକାନ୍ତ ସାହୁ ଗୁରୁତର ହୋଇଛନ୍ତି। ଉଭୟେ ମୁଣ୍ଡେଇଲୋ ଗ୍ରାମରୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରବୀଣଙ୍କୁ କଟକ ଏବଂ ପ୍ରତିକାନ୍ତଙ୍କୁ ଅନୁଗୋଳ ସ୍ଥାନାନ୍ତର କରାଯାଇଛି। ଦୁହିଁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି।

### ପୁଷ୍ପ ପ୍ରଦର୍ଶନୀ ପାଇଁ ପ୍ରସ୍ତୁତି ବୈଠକ

ଢେଙ୍କାନାଳ ଅଫିସ,୧୧।୧- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ମିନିଷ୍ଟାଡିୟମରେ ୨୬ ତାରିଖରୁ ଦୁଇଦିନ ଧରି ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସରେ ଯୋଗଦେଇଥିବା ମୁଖ୍ୟଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ୧୧ଟାରେ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହେବ। ବିଭିନ୍ନ ବର୍ଗରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯିବ। ପୁଷ୍ପ ପ୍ରଦର୍ଶନୀ ବୁଲିବାକୁ ସାଧାରଣ ଲୋକଙ୍କ ପାଇଁ ୫ ଟଙ୍କା ଏବଂ ଅନୁଷ୍ଠାନଭିତ୍ତିକ ୫୦ ଟଙ୍କା ପ୍ରବେଶିକା ଦେୟ ରଖାଯାଇଛି। ବୈଠକରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ରୋଟାରି କ୍ଲବ ସଭାପତି ସରୋଜ ମହାନ୍ତି, ବିରଞ୍ଚି ନାରାୟଣ ପାଣି, ପ୍ରଦ୍ୟୁମ୍ନ ରଥ, ଡ. ଭବାନୀ ଶଙ୍କର ଦାଶ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ରୋଟାରିଆନ ରାଜକିଶୋର ବେହେରା, ଦେବବ୍ରତ ଭଞ୍ଜ, ଅଭିମନ୍ୟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସରକାରୀ କର୍ମଚାରୀ ସମନ୍ୱୟ ସମିତି ବୈଠକ

ଢେଙ୍କାନାଳ ଅଫିସ,୧୧।୧- ଢେଙ୍କାନାଳ ଜିଲା ସରକାରୀ କର୍ମଚାରୀ ସମନ୍ୱୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅରୁଣ କୁମାର ବଳିଆରସିଂଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସର୍ବଭାରତୀୟ ଧର୍ମଘଟରେ ରାଜ୍ୟରେ ସରକାରୀ କର୍ମଚାରୀମାନେ ଯୋଗଦେଇଥିଲେ। ଏଥି ପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମିତିର ରାଜ୍ୟ ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ, ଉପଦେଷ୍ଟା ପ୍ରସନ୍ନ କୁମାର ଭୂତିଆ, ଆର୍ଯ୍ୟଭୂଷଣ ନାୟକ, ପ୍ରଦୀପ ପାଲ, ମାନସ ସାହୁ, ମନୋଜ ସାହୁ, ବିଶ୍ୱରଞ୍ଜନ ବ୍ରହ୍ମ, ପ୍ରମୋଦ ପାଢ଼ୀ, ରବି ମହାନ୍ତି, ନିରଞ୍ଜନ ପାତ୍ର, ବିଜୟ ଦାସ, ବୃନ୍ଦାବନ ପାତ୍ର, ଅନିଲ ସାହୁ, ହିରୋରାଜ ମହନ୍ତ, ରାମଚନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

# ଷ୍ଟେଶନରେ ଲାଗିବ ଏକ୍ସାଲେଟର

ଢେଙ୍କାନାଳ ଅଫିସ,୧୧।୧

ଢେଙ୍କାନାଳ ରେଳ ଷ୍ଟେଶନରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ୱାଇଫାଇ ସେବା। ଯାତ୍ରୀଙ୍କ ସୁବିଧା ପାଇଁ ଫୁଟ୍ ଓଭରବ୍ରିଜ୍‌ରେ ଲାଗିବ ଏକ୍ସାଲେଟର। ନିର୍ଦ୍ଧାରିତ ସମୟରେ ଟ୍ରେନ ପହଞ୍ଚିବା ନେଇ ଅଧିକ ସତର୍କ ହେବ ବିଭାଗ। ଯାତ୍ରୀ ସୁରକ୍ଷା, ପାନୀୟ ଜଳ ଯୋଗାଣ

- ସ୍ଥିତି ପରିଖିଲେ ପୂର୍ବତଟ ରେଲୱେ ଜିଏମ୍
- ଯାତ୍ରୀ ସୁରକ୍ଷାକୁ ଦିଆଯିବ ଅଧିକ ପ୍ରାଧାନ୍ୟ
- ଶୀଘ୍ର ଉପଲବ୍ଧ ହେବ ୱାଇଫାଇ ସେବା

ସମେତ ଷ୍ଟେଶନର ଆନୁଷଙ୍ଗିକ ଉନ୍ନତିକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ପୂର୍ବତଟ ରେଲୱେ ଜିଏମ୍ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର। ଶୁକ୍ରବାର ଢେଙ୍କାନାଳ ଷ୍ଟେଶନ ପରିଦର୍ଶନ କରି ସେ ଏହି ସୂଚନା ଦେଇଛନ୍ତି।



ରେଲୱେ ଜିଏମ୍ ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର ଆଲୋଚନା କରୁଛନ୍ତି।

ଅପରାହ୍ନ ୧ଟା ୪୦ରେ ଜିଏମ୍ ଏଠାରେ ପହଞ୍ଚି ଷ୍ଟେଶନର ବିଭିନ୍ନ ପ୍ରକୋଷ୍ଠ, ସଂରକ୍ଷଣ ଟିକେଟ କାଉଣ୍ଟର ଗୃହ ବୁଲି ଦେଖିବା ସହ ଟ୍ରେନ୍ ଏବଂ ଯାତ୍ରୀ ସୁରକ୍ଷା ନେଇ ସମୀକ୍ଷା କରିଥିଲେ। ରେଳଯାତ୍ରୀ ସଂଘର ଉପଦେଷ୍ଟା ଶ୍ରୀପ୍ରକାଶ ମହାନ୍ତି, ରୁଦ୍ରମାଧବ ମହାପାତ୍ର, ସମ୍ପାଦକ ବଦ୍ରିନାରାୟଣ ମିଶ୍ର, ସୁନୀଲ ଶର୍ମା ପ୍ରମୁଖ ଅନୁଗୋଳ-ପୁରୀ ମେମୁ ଟ୍ରେନ୍‌ରେ ଭିଡ଼, ଯାତ୍ରୀମାନେ ସିଟ୍ ନ ପାଇବା, ନିର୍ଦ୍ଧାରିତ ସମୟରେ ଟ୍ରେନ୍ ଚଳାଚଳ, ତାଳଚେର-ପୁରୀ ପାସେଞ୍ଜର ଟ୍ରେନ୍‌ର ବିଳମ୍ବିତ ଯାତ୍ରା, ବିଶାଖା ଏକ୍ସପ୍ରେସକୁ ଢେଙ୍କାନାଳ ଯାଏ ସମ୍ପ୍ରସାରଣ, ଅନୁଗୋଳରୁ ଢେଙ୍କାନାଳ ଦେଇ ଦକ୍ଷିଣ ଭାରତକୁ ଟ୍ରେନ୍ ଚଳାଚଳ, ଷ୍ଟେଶନ ନିକଟ ରାସ୍ତା ଉନ୍ନତିକରଣ ଆଦି ଦାବି କରିଥିଲେ। ମେମୁ ଟ୍ରେନ୍ ସମସ୍ୟାର ସମାଧାନ, ତାଳଚେର-ପୁରୀ ପାସେଞ୍ଜର ଯେପରି ନିର୍ଦ୍ଧାରିତ ସମୟରେ ଢେଙ୍କାନାଳରୁ କଟକ ପହଞ୍ଚିବ, ସେ ଦିଗରେ ଦୃଷ୍ଟି ଦେବାକୁ ଜିଏମ୍ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଜିଲା ଓକିଲ ସଂଘ ସଭାପତି ଶିବସାଇ ମହାପାତ୍ର, ସମ୍ପାଦକ ଟଙ୍କଧର ବେହେରା, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ଜିଏମ୍‌ଙ୍କୁ ଭେଟି ରାଜଧାନୀ ଏକ୍ସପ୍ରେସ୍ ସମେତ ଅନ୍ୟ ଦ୍ରୁତଗାମୀ ଟ୍ରେନ୍ ରହଣି ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ। ଶ୍ୟାମାଚରଣପୁର ବିକାଶ ପରିଷଦର କର୍ମକର୍ତ୍ତାମାନେ ମଧ୍ୟ ବିଭିନ୍ନ ସମସ୍ୟା ନେଇ ଜିଏମ୍‌ଙ୍କୁ ଭେଟିଥିଲେ।

ତେବେ ଦ୍ରୁତଗାମୀ ଟ୍ରେନ୍ ରହଣି ସମ୍ପର୍କିତ ନିଷ୍ପତ୍ତି ତାଙ୍କ ହାତରେ ନ ଥିବା ଜିଏମ୍ ସ୍ପଷ୍ଟ କରିଛନ୍ତି। ଜିଲାପାଳ କିମ୍ବା ନଗରପାଳଙ୍କ ପକ୍ଷରୁ ପ୍ରସ୍ତାବ ଆସିଲେ ଏହାକୁ ବିଚାରକୁ ନେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପତ୍ର ଲେଖିବେ ବୋଲି ସେ କହିଥିଲେ। ଷ୍ଟେସନ ପରିଦର୍ଶନ କରିବା ପରେ ଜିଏମ୍ ଟ୍ରେନ୍‌ରେ ଅନୁଗୋଳ ଯାଇଥିଲେ। ଏହି ଗସ୍ତରେ ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍ ବ୍ରିଜମୋହନ ଅଗ୍ରୱାଲଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ଜିଏମ୍‌ଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଷ୍ଟେଶନକୁ ସଫାସୁତରା ସହ ମରାମତି କରାଯାଇଥିଲା।

ଓ୪ରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

# ଦୁର୍ଘଟଣା ମୃତ୍ୟୁଶୂନ୍ୟ କରିବାକୁ ଆହ୍ୱାନ

ଢେଙ୍କାନାଳ ଅଫିସ,୧୧।୧

ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏଥିରେ ଅଧ୍ୟକ୍ଷତା କରିବା ସହ ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ କରିବା ନେଇ ଗୁରୁତ୍ୱାରୋପ କରିଥିଲେ।

ଦ୍ରୁତ ଗାଡ଼ିଚାଳନା, ମଦ୍ୟପାନ, ଶୋଚନୀୟ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ। ଏହାକୁ ରୋକିବାକୁ ରାସ୍ତା ମରାମତି କରାଯିବା ଜରୁରୀ। ଦୁର୍ଘଟଣାପ୍ରବଣ ରାସ୍ତାରେ ରେଡିୟମ୍ ଷ୍ଟିକର, କଡ଼ାକଡ଼ି ଯାଞ୍ଚ, ୫୫ନଂ. ଜାତୀୟ ରାଜପଥର ଟାଉନଥାନା, ମୋଟଙ୍ଗା ଥାନା, କଣ୍ଟାବଣିଆ ଥାନା ଅଞ୍ଚଳରେ ଦ୍ରୁତ ଗାଡ଼ିଚାଳନା ରୋକିବା, ମାଦକଦ୍ରବ୍ୟ ସେବନ କରି ଯାନବାହନ ଚଳାଉଥିବା ଡ୍ରାଇଭରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ବିନା ଲାଇସେନ୍ସଧାରୀ, ବିନା ସିଟ୍‌ବେଲ୍ଟଧାରୀଙ୍କ ଉପରେ ଅଧିକ କଠୋର ହେବାକୁ ଜିଲାପାଳ କହିଛନ୍ତି।



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଦୁର୍ଘଟଣା ରୋକିବାକୁ ୫୩ନଂ. ଜାତୀୟ ରାଜପଥର ପରଜଙ୍ଗ ଅଞ୍ଚଳ, କଲେଜ ବାଇପାସ୍‌ରୁ ଗଣେଶ ବଜାର ଓ କାଲଟାକ୍ସ, ଷଡ଼ଙ୍ଗୀରୁ ଢେଙ୍କାନାଳ ଏବଂ ଆଳତୁମାରୁ ଜିରିଡ଼ାମାଲି ମଧ୍ୟରେ ସକାଳ ୭ଟାରୁ ରାତି ୯ଟା ଯାଏ ଭାରିଯାନ ଚଳାଚଳ ବନ୍ଦ ରଖାଯାଇଥିବା ସୂଚନା ଦିଆଯାଇଛି।

ଫେବୃୟାରୀ ୪ରୁ ୧୦ ଯାଏ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହେବ। ଏହି ଅବସରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କର୍ମଶାଳା, ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା ଆଦି ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଗାଡ଼ିଚାଳକ, ବସ୍ ଓ ଟ୍ରକ୍ ମାଲିକମାନେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଡିଏସ୍‌ପି ହରେକୃଷ୍ଣ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୧୪ରେ କଙ୍କଡ଼ାହାଡ଼ରେ ଜନଶୁଣାଣି

ଢେଙ୍କାନାଳ ଅଫିସ, ୧୧।୧

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଆସନ୍ତା ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଥିରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଏସ୍‌ପି କୁମାର ସନ୍ତୋଷ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେବେ। ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।

### ‘ଖାଲି ପଡ଼ିଥିବା ଏସ୍‌ଆଇ ପଦବୀ ପୂରଣ ହେବ’

ଢେଙ୍କାନାଳ ଅଫିସ, ୧୧।୧

ରାଜ୍ୟରେ ଖାଲି ପଡ଼ିଥିବା ଏସ୍‌ଆଇ ପଦବୀ ଖୁବ୍‌ଶୀଘ୍ର ପୂରଣ ହେବ ବୋଲି କହିଛନ୍ତି ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା। ଶୁକ୍ରବାର ଢେଙ୍କାନାଳ ଗସ୍ତରେ ଆସିଥିବା ବେଳେ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ, ଅଧିକାଂଶ ଜିଲାରେ ଏସ୍‌ଆଇ ପଦବୀ ଫାଙ୍କା ପଡ଼ିଛି। ଏହା ଯୋଗୁ ପୋଲିସ ପ୍ରଶାସନ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ଶୀଘ୍ର ପୂରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର କେତେକ ଜିଲାରେ ମହିଳା ଥାନା ପ୍ରତିଷ୍ଠା ହୋଇଛି। ଅନ୍ୟ ଜିଲାଗୁଡ଼ିକରେ ଏଥିଲାଗି ସ୍ଥିତି ଅନୁଧ୍ୟାନ କରାଯାଉଛି। ବିଗତ ଦିନ ତୁଳନାରେ ବର୍ତ୍ତମାନ ପୋଲିସର ମନୋବଳ ବଢ଼ିଛି। ମାଓବାଦୀ, ଆତଙ୍କବାଦୀ ଆକ୍ରମଣ ସମେତ ଯେ କୌଣସି ପରିସ୍ଥିତିର ମୁକାବିଲା କରିବାକୁ ଆରକ୍ଷୀ ବାହିନୀ ପ୍ରସ୍ତୁତ ବୋଲି ଡିଜିପି ସୂଚନା ଦେଇଛନ୍ତି। ଏହି ଅବସରରେ ଡିଜି ଆହୁରି ମଧ୍ୟ କହିଲେ, ଯାଜପୁର ଜିଲାର ବରୀ ପରେ ଢେଙ୍କାନାଳରେ ଥିବା ଫାୟାରିଂ ରେଞ୍ଜ ଅଧିକ ଉନ୍ନତମାନର। ଆଗାମୀ ଦିନରେ ଜିଲାରେ ଥିବା ବିଭିନ୍ନ ଫାୟାରିଂ ରେଞ୍ଜର ଭିତ୍ତିଭୂମି ଅନୁଧ୍ୟାନ କରାଯିବ। ସେଗୁଡ଼ିକର ଉନ୍ନତିକରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର



@ ସମୀର



@ ଉତ୍କଳ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ

dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

### ଟାଟାଷ୍ଟିଲ୍ ପକ୍ଷରୁ ସ୍ୱାସ୍ଥ୍ୟପରୀକ୍ଷା ଶିବିର



ଶିବିରରେ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଉଛି।

ଭୁବନ, ୧୧।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ କାର୍ଯ୍ୟାଳୟ ପରିସରରେ ଟାଟାଷ୍ଟିଲ୍ ମେଡିକା ପକ୍ଷରୁ ଶୁକ୍ରବାର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସିଦ୍ଧାର୍ଥ ପ୍ରିୟଦର୍ଶୀ ଉପସ୍ଥିତ ରହି ଏନ୍‌ଏସି ଏବଂ ବ୍ଲକ ଅଞ୍ଚଳର ୯୧ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଡିଓ ବସନ୍ତ କୁମାର ମାଝି ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଇସିଜି, ମଧୁମେହ, ରକ୍ତଚାପ ଆଦି ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ନନ୍ଦନ ପାଉଲ, ଦେବଦତ୍ତ ରାଉତ, ମୋନାଲିସା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରାସୋଳ ଥାନାର ନୂତନ ଗୃହ ଉଦ୍‌ଘାଟିତ

ରାସୋଳ, ୧୧।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ରାସୋଳ ଥାନାର ନବନିର୍ମିତ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ ଏହାକୁ ଲୋକାର୍ପିତ କରିଥିଲେ। ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥିଭାବେ ବିଧାୟିକା ସୀମାରାଣୀ ନାୟକ, ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଉପଜିଲାପାଳ ଭବେଶ କୁମାର ନାୟକ ମଞ୍ଚାସୀନ ଥିଲେ।

ଡିଜିପି ନିଜର ଉଦ୍‌ବୋଧନରେ କହିଲେ, ରାସୋଳ ଥାନା ସହିତ ତାଙ୍କର ନିବିଡ଼ ସମ୍ପର୍କ। ୧୯୯୯ରେ ଢେଙ୍କାନାଳ ଏସ୍‌ପି ଥିବା ସମୟରେ ସେ ଏଠାକୁ ପରିଦର୍ଶନରେ ଆସିଥିଲେ। ଉକ୍ତ ସମୟରେ ହୋଇଥିବା ପ୍ରଳୟଙ୍କରୀ ବାତ୍ୟା ଏବଂ ଏହାପରେ କରାଯାଇଥିବା ଉଦ୍ଧାର କାର୍ଯ୍ୟର ଅନୁଭୂତି ବଖାଣି ଡିଜିପି ଭାବବିହ୍ୱଳ ହୋଇପଡ଼ିଥିଲେ। ସେ ଆହୁରି ମଧ୍ୟ କହିଲେ, ଜନସାଧାରଣଙ୍କ ବିଶ୍ୱାସ ଜିତି, ସମାଜରୁ ଅପରାଧ ହଟାଇବା ଆରକ୍ଷୀ ବାହିନୀର ଗୁରୁଦାୟିତ୍ୱ। ପୋଲିସ ପକ୍ଷରୁ ସଚେତନତା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ‘ପରୀ ରଥ’ ସାରା ରାଜ୍ୟରେ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି କରିଥିଲା। ଆଞ୍ଚଳିକସ୍ତରରେ ମଧ୍ୟ ଏପରି ଉଦ୍ୟମ ଜାରି ରଖିବା ଉଚିତ। ରାଜ୍ୟରେ ସାଇବର କ୍ରାଇମ ବଢ଼ିଛି। ଜନସାଧାରଣ ସଚେତନ ହେଲେ ହିଁ ଏହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଡିଜିପି କହିଥିଲେ।

ବିଧାୟିକା ନିଜ ଅଭିଭାଷଣରେ କହିଲେ, ରାସୋଳ ଥାନାର ନୂତନ ଗୃହ ରାଜ୍ୟ ସରକାର ଏବଂ ପୋଲିସ ପ୍ରଶାସନର ନୂଆବର୍ଷ ଭେଟି। ଏଥିଲାଗି ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ସୂଚନାଯୋଗ୍ୟ, ପୋଲିସ ହାଉସିଂ ବୋର୍ଡ ପକ୍ଷରୁ ୫୬ଲକ୍ଷ ୯୩ ହଜାର ୧୦୮ ଟଙ୍କା ବ୍ୟୟରେ ନୂତନ ରାସୋଳ ଥାନା ଗୃହ ନିର୍ମିତ ହୋଇଛି। ୩୮୧୯ ବର୍ଗ ଫୁଟ ପରିବ୍ୟାପ୍ତ ଅଞ୍ଚଳ ଉପରେ ଛିଡ଼ା ହୋଇଥିବା ଏହି ଥାନା କାର୍ଯ୍ୟ ୨୦୧୮ ଜୁଲାଇ ୩୦ରେ ଶେଷ ହୋଇଥିଲା। ହେଲେ ବିଭିନ୍ନ କାରଣରୁ ଏହାର ଉଦ୍‌ଘାଟନରେ ବିଳମ୍ବ ହୋଇଥିଲା।

ରାମଚଣ୍ଡୀ ପୀଠରେ ଆରମ୍ଭ ହେଲା ବିଶ୍ୱଶାନ୍ତି ମହାଯଜ୍ଞ

# କଳସ ଯାତ୍ରାରେ ସାମିଲ ହେଲେ ୩୦୦୮ ମହିଳା

ଓଡ଼ାପଡ଼ା, ୧୧।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନାଧରା ରାମଚଣ୍ଡୀ ପୀଠରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ୨୩ତମ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞ। ଏହି କାର୍ଯ୍ୟକ୍ରମ ୧୪ ତାରିଖ ଯାଏ ଚାଲିବ। ଗୁରୁବାର ବିଧି ଅନୁଯାୟୀ ଅଙ୍କୁରାରୋପଣ କରାଯାଇଥିଲା। ଶୁକ୍ରବାର ମା’ଙ୍କ ନିକଟରୁ ଆସିଥିବା ଆଜ୍ଞାମାଳ ସ୍ୱପ୍ନେଶ୍ୱର ମନ୍ଦିରରେ ପହଞ୍ଚିବା ପରେ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଏଥିରେ ସାମିଲ ହୋଇଥିଲେ ୩୦୦୮ ମହିଳା ଶ୍ରଦ୍ଧାଳୁ।

ବ୍ରାହ୍ମଣୀ ନଦୀ ତଟରୁ ଉକ୍ତ କଳସ ଶୋଭାଯାତ୍ରା ବାହାରି ରାମଚଣ୍ଡୀ ପୀଠକୁ ଆସିଥିଲା। ସେଠାରେ ଶୁଭାଧିବାସ ପରେ ଘଟସ୍ଥାପନ କରାଯାଇଥିଲା। ଶନିବାର ସୂର୍ଯ୍ୟପୂଜା, ଶନିଦେବଙ୍କ ତୈଳାଭିଷେକ, ଗୋପୂଜା, ବାସ୍ତୁପୂଜା, ଚଣ୍ଡୀପାଠ ଅନୁଷ୍ଠିତ ହେବ। ୧୩ ତାରିଖରେ ଶ୍ରୀ ଗୋକନକେଶ୍ୱର ମହାଦେବଙ୍କ ରୁଦ୍ରାଭିଷେକ କରାଯିବା କାର୍ଯ୍ୟକ୍ରମ



ମହିଳାମାନେ ବ୍ରାହ୍ମଣୀ ନଦୀରୁ କଳସ ଶୋଭାଯାତ୍ରାରେ ଆସୁଛନ୍ତି।

ରହିଛି। ଯଜ୍ଞ କାର୍ଯ୍ୟକ୍ରମରେ ଢେଙ୍କାନାଳ, ଅନୁଗୋଳ, କଟକ ଜିଲାର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ବିଶ୍ୱଶାନ୍ତି ମହାଯଜ୍ଞ ଲାଗି ଅଞ୍ଚଳରେ ଭକ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଏହାକୁ ଅଧିକ ଆକର୍ଷଣୀୟ କରିଛି।

## ସଂକ୍ଷେପରେ

### କଟକକୁ ହରାଇ ଫାଇନାଲରେ ଅନୁଗୋଳ

ଅନୁଗୋଳ ଅଫିସ, ୧୧।୧- ଅନୁଗୋଳ କଦମ ପଡ଼ିଆ ଠାରେ ଚାଲିଥିବା ତୃତୀୟ ମର୍ନିଂଷ୍ଟାର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମର୍ନିଂ ଷ୍ଟାର ଅନୁଗୋଳ ୭ ଉଇକେଟରେ କଟକର ମର୍ନିଂଷ୍ଟାରକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ରବିବାର ମର୍ନିଂଷ୍ଟାର ଅନୁଗୋଳ ଓ ଲୁଟୁ ୱାରିୟର୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। କଟକ ମର୍ନିଂଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରି ୯୬ ରନ ସଂଗ୍ରହ କରିଥିଲା। ଜବାବରେ ଅନୁଗୋଳ ମର୍ନିଂଷ୍ଟାର ୩ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଶ୍ୱିନୀଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ବସ୍‌ଷ୍ଟାଣ୍ଡ ପୂଜା କମିଟି ସମ୍ପାଦକ ଲକ୍ଷ୍ମୀଧର ଜେନା ଅତିଥିଭାବେ ଯୋଗ ଦେଇଥିଲେ। ନୀଳାଞ୍ଚଳ ପ୍ରଧାନ ଓ ଅଞ୍ଜନ କର ଖେଳ ପରିଚାଳନା କରିଥିବାବେଳେ ଲିଟନ, ରଞ୍ଜନ ଓ ମହେଶ ସହଯୋଗ କରିଥିଲେ।

### ଏସିସି ଅନୁଗୋଳ ଫାଇନାଲରେ

ତାଳଚେର,୧୧।୧(ନି.ପ୍ର)- ତାଳଚେର ବ୍ଲକ ଗୋପାଳପ୍ରସାଦ ବ୍ଲାକ ଡାଇମଣ୍ଡ ୟୁଥ୍ କ୍ଲବ ପକ୍ଷରୁ ଗଜରାଜ ଷ୍ଟାଡିୟମଠାରେ ଚାଲିଥିବା ମା' ହିଙ୍ଗୁଳା ଚ୍ୟାଲେଞ୍ଜ କ୍ରିକେଟ କପ୍‌ର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଏସିସି ଅନୁଗୋଳ ଏବଂ ସୋଲାର କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏସିସି ଅନୁଗୋଳ ପ୍ରଥମେ ବ୍ୟାଟିଂ କରି ୧୪୭ ରନ କରିଥିଲା। ଜବାବରେ ସୋଲାର କ୍ଲବ ୧୦୪ ରନ କରି ପରାସ୍ତ ହୋଇଥିଲା। ଜୟକୃଷ୍ଣ ରାଉତ ଓ ତ୍ରିନାଥ ସାମନ୍ତ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ରାଜେଶ ଦାସ ଓ ଦୀପକ ସାମଲ ଦାୟିତ୍ୱ ସମ୍ପନ୍ନ କରିଥିଲେ। କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

### ଜରଡ଼ା କ୍ରିକେଟ୍ କ୍ଲବ ବିଜୟୀ

ବଇଣ୍ଡା,୧୧।୧(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ସାପଘରା ଗ୍ରାମ ଖେଳ ପଡ଼ିଆଠାରେ ଚାଲିଥିବା ସାପଘରା କପ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ହଣ୍ଡପା କ୍ରିକେଟ୍ କ୍ଲବକୁ ହରାଇ ଜରଡ଼ା କ୍ରିକେଟ୍ କ୍ଲବ ବିଜୟୀ ହୋଇଛି। ପ୍ରଥମେ ଜରଡ଼ା ବ୍ୟାଟିଂ କରି ୧୭୪ ରନ କରିଥିଲା। ଜବାବରେ ହଣ୍ଡପା ୧୧୬ ରନ କରି ପରାସ୍ତ ହୋଇଥିଲା। ସୂର୍ଯ୍ୟକାନ୍ତ ନାୟକ, ପପୁନ ନାୟକ ଖେଳ ପରିଚାଳନା କରିଥିଲେ।

■ ୧୪ରୁ ୩ ଦିନିଆ ଜିଲା ମହୋତ୍ସବ

# ସନ୍ଧ୍ୟାରୁ ରାତି ସାଢ଼େଦଶ ଯାଏ ଚାଲିବ

**ଅନୁଗୋଳ ଅଫିସ, ୧୦।୧**

■ ଆକର୍ଷଣ ସାଜିବ ଓଲିଉଡ୍ ନାଇଟ୍

■ ପଲ୍ଲିଶ୍ରୀ ମେଳାରେ ଲାଗିବ ୮୦ ଷ୍ଟଲ

■ ଆୟୋଜିତ ହେବ ଯୋଗ, ପ୍ରାଣାୟାମ କାର୍ଯ୍ୟକ୍ରମ



ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି।

ଜିଲା ସଂସ୍କୃତି ପରିଷଦର ସପ୍ତମ ଜିଲା ମହୋତ୍ସବ ଆସନ୍ତା ୧୪ରୁ ୧୬ ତାରିଖ ଯାଏ ଅନୁଷ୍ଠିତ ହେବ। ଏହି ସମୟରେ ଷ୍ଟାଡିୟମ ପଡ଼ିଆରେ ପଲ୍ଲିଶ୍ରୀମେଳା ଓ ଜିଲା ଉନ୍ନୟନ ପ୍ରଦର୍ଶନୀ ୫ ଦିନ ବ୍ୟାପୀ ଚାଲିବ। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଓଲିଉଡ୍ ନାଇଟ କାର୍ଯ୍ୟକ୍ରମ ରହିଛି ବୋଲି ଜିଲାପାଳ ଅନିଲ କୁମାର ସାମଲ ଶୁକ୍ରବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଜିଲାପାଳ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୫ ଜଣ ବ୍ୟକ୍ତିଙ୍କୁ ଜିଲା ମହୋତ୍ସବରେ ସମ୍ମାନିତ କରାଯିବ। ସେହିପରି ଅନୁଗୋଳର ଐତିହ୍ୟ, ସଂସ୍କୃତି, ପର୍ଯ୍ୟଟନ, ପ୍ରଗତି ଓ ସମାଜକୁ ନେଇ ଏକ ସ୍ମରଣିକା ଉନ୍ମୋଚନ କରାଯିବ। ଗତବର୍ଷର ବଳକା ଥିବା ୧୦ ଲକ୍ଷ ଟଙ୍କାକୁ ଇ-ଲାଇବ୍ରେରୀ ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟରେ ଖର୍ଚ୍ଚ କରାଯିବ। ଚଳିତ ବର୍ଷ କେତେ ଟଙ୍କା ଖର୍ଚ୍ଚ କରାଯିବ ତାହାର ହିସାବ ଏଯାଏ ହୋଇନାହିଁ। ଷ୍ଟେଜ ଜେଏସ୍‌ପିଏଲ୍ କରୁଥିବାବେଳେ କଳାକାରଙ୍କ ରହିବା ଓ ଖାଇବା ଦାୟିତ୍ୱ ଭୂଷଣ ନେଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ଏହି ୩ଦିନିଆ ଜିଲା ମହୋତ୍ସବ ସନ୍ଧ୍ୟା ୫ଟାରୁ ଆରମ୍ଭ ହୋଇ ରାତି ସାଢ଼େ ୧୦ଟାରେ ଶେଷ ହେବ। ପ୍ରଥମେ ଚୟନ ହୋଇଥିବା ଲୋକନୃତ୍ୟ ଦଳଗୁଡ଼ିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହାପରେ ସାଧାରଣ ସଭା ହେବ। ପରେ ଓଲିଉଡ ନାଇଟ୍‌ର ବ୍ୟବସ୍ଥା ରହିଛି। ଏଥିସହ ବାଲୁକା କଳା ପ୍ରଦର୍ଶନୀ, ସାହିତ୍ୟ ସମ୍ମିଳନୀ, କବିତା ପାଠୋତ୍ସବ, ଯୋଗ ଓ ପ୍ରାଣାୟାମ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପଲ୍ଲିଶ୍ରୀ ମେଳାର ୮୦ଟି ଷ୍ଟଲରେ ରାଜ୍ୟର ପ୍ରମୁଖ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୟ କରାଯିବ। ଏଥିସହ ଜିଲା ସଂସ୍କୃତି ପରିଷଦ ପକ୍ଷରୁ କରାଯିବାକୁ ଥିବା ୫୦ଟି ଷ୍ଟଲରେ ବିଭିନ୍ନ ବିଭାଗ ତଥା ଅଗ୍ରଣୀ ଉଦ୍ୟୋଗ ଗୁଡ଼ିକ ଅଂଶଗ୍ରହଣ କରିବେ। ମହୋତ୍ସବକୁ ଶୃଙ୍ଖଳାର ସହ କରିବାକୁ ପୋଲିସ, ସ୍ୱାସ୍ଥ୍ୟ, ଅଗ୍ନିଶମ, ବିଦ୍ୟୁତ୍, ଜଳଯୋଗାଣ ଓ ପୌରପାଳିକା ସହଯୋଗ କରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ପିଡି ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ଉପଜିଲାପାଳ ସୁବାସଚନ୍ଦ୍ର ରାୟ, ଡେପୁଟି କଲେକ୍ଟର ନିର୍ବାଚନ ବଇତୁରା ଦୀପ, ଜିଲା ସଂସ୍କୃତି ଅଧିକାରୀ ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗାନ୍ଧୀମାର୍ଗ ବିଦ୍ୟାଳୟ ରାସ୍ତାରେ ବଢ଼ୁଛି ଟ୍ରାଫିକ ସମସ୍ୟା

**ଅନୁଗୋଳ ଅଫିସ, ୧୧।୧**

ଅନୁଗୋଳ ସହରରେ ସଡ଼କ ଦୁର୍ଘଟଣା ସଂଖ୍ୟା ବଢୁଥିବାବେଳେ ସ୍କୁଲ ଅଞ୍ଚଳରେ ଦୁର୍ଘଟଣା ଖବର ଅଧିକ ଚିନ୍ତାର ବିଷୟ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ ସହ ସ୍କୁଲ ଅଞ୍ଚଳ ପଡୁଥିବା ରାସ୍ତାରେ ବିଦ୍ୟାଳୟ ଖୋଲିବା ଓ ଛୁଟି ସମୟରେ କିପରି ସୁରକ୍ଷା ବ୍ୟବସ୍ଥା କରାଯିବ ସେ ନେଇ ବୈଠକ ବସିବ ବୋଲି ପ୍ରଶାସନ ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ଏହାପରେ ସଡ଼କ ସୁରକ୍ଷା ବୈଠକରେ ଏହି ପ୍ରସ୍ତାବ ମଧ୍ୟ ଉଠାଯାଇଥିଲା। କିନ୍ତୁ ଆଉ କୌଣସି ବୈଠକ ଅଦ୍ୟାବଧି ବସିନାହିଁ। ଏଥିରୁ ଜିଲା ପ୍ରଶାସନ କୋମଳମତି ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି କେତେ ଆନ୍ତରିକତା ପ୍ରକାଶ କରୁଛି ତାହା ବାରି ହୋଇପଡୁଛି।

ହେମସୁରପଡା ଦୁର୍ଗା ମଣ୍ଡପ ଛକରୁ ଗାନ୍ଧୀମାର୍ଗ ରାସ୍ତା ମଧ୍ୟରେ ୩ଟି ବଡ଼ ସ୍କୁଲ ରହିଛି। ଏଥିରେ ପଢୁଥିବା ପିଲାଙ୍କ ସଂଖ୍ୟା ପାଖାପାଖି ୩ ହଜାର ହେବ। ସ୍କୁଲ ଆରମ୍ଭ ଓ ଛୁଟି ସମୟରେ ଉକ୍ତ ରାସ୍ତାରେ ପ୍ରବଳ ଗହଳି ହେଉଛି। ଏପରି କି ଭାରିଯାନ ଚଳପ୍ରଚଳ ମଧ୍ୟ କରୁଛି। କିନ୍ତୁ ପ୍ରଶାସନ ପକ୍ଷରୁ ସ୍କୁଲ ନିକଟରେ ଟ୍ରାଫିକ ବ୍ୟବସ୍ଥା କରାଯାଉନାହିଁ। ସେହିପରି ଟ୍ରକ୍ ଓ ଚାରିଚକିଆ ଗାଡିଗୁଡ଼ିକ ରାସ୍ତା ଉପରେ ପାର୍କିଂ ହେଉଛି। ଏଥିସହ କେତେଜଣ ଯୁବକ ବାଇକ୍‌ଗୁଡ଼ିକୁ ଦ୍ରୁତ ଗତିରେ ନେଇ ବିକଟାଳ ଶବ୍ଦ ସୃଷ୍ଟି କରୁଥିବାରୁ ଏହା ଛାତ୍ରୀଛାତ୍ରଙ୍କ ମନରେ ଭୟ ସୃଷ୍ଟି କରୁଛି। କିନ୍ତୁ ଏଥିପ୍ରତି କାହାରି ନିଘା ନାହିଁ। ଗୁରୁବାର ଜଣେ ଛାତ୍ର ଉକ୍ତ ରାସ୍ତାରେ ଦୁର୍ଘଟଣାରେ ଗୁରୁତର ହେବା ପରେ ଅଭିଭାବକମାନେ ଭୟଭୀତ ହୋଇ ପଡିଛନ୍ତି। ତେଣୁ ଗାନ୍ଧୀମାର୍ଗ ଛକ, ହେମସୁରପଡା ଦୁର୍ଗା ମଣ୍ଡପ ଆଦି ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି।

# ଥାନା ମାଲ୍‌ଖାନାରେ ଷ୍ଟିମ୍ ଇଞ୍ଜିନ ଚକ ଚର୍ଚ୍ଚା

**ଅନୁଗୋଳ ଅଫିସ, ୧୧।୧**



ଅନୁଗୋଳ ଜିଲା ତାଳଚେର ଥାନାର ମାଲଖାନା ସଫେଇ ବେଳେ ଶୁକ୍ରବାର ଏକ ବହୁ ପୁରାତନ ଷ୍ଟିମ୍ ଇଞ୍ଜିନ ରେଳ ଚକ ମିଳିଥିବା ଚର୍ଚ୍ଚା ହେଉଛି। ଏହା କେବେଠାରୁ ମାଲ୍ ଖାନାରେ ଥିଲା ତାହା ଜାଣିବାକୁ ପୋଲିସ କର୍ମଚାରୀଙ୍କ ସହ ସାଧାରଣରେ ମଧ୍ୟ ଉତ୍କଣ୍ଠା ପ୍ରକାଶ ପାଇଛି। ଏ ସମ୍ପର୍କରେ ଖବର ପାଇବା ପରେ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଘଟଣାର ଖୋଳତାଡ଼ କରିବାକୁ ଥାନା ଅଧିକାରୀଙ୍କୁ କହିଛନ୍ତି। ଏପରି କି ଚକ ସମ୍ବନ୍ଧୀୟ ସମସ୍ତ ରେକର୍ଡ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ମିତ୍ରଭାନୁ ମହାପାତ୍ର ଏପରି କିଛି ମିଳିଥିବା କହିଥିଲେ ବି ଆବଶ୍ୟକ ଡକ୍ୟୁମେଣ୍ଟ ଦେଖିଲା ପରେ ଏହା ଷ୍ଟିମ୍ ଇଞ୍ଜିନ ଚକ କି ନାହିଁ ତାହା ଜଣାପଡ଼ିବ ବୋଲି କହିଛନ୍ତି।

# ଏନ୍‌ଟିପିସି ମଜଦୁର ସଂଘ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ଏନ୍‌ଟିପିସି ମଜଦୁର ସଂଘ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**କଣିହାଁ, ୧୧।୧(ଡି.ଏନ୍.ଏ.)**

ଏନ୍‌ଟିପିସି ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀ ସଙ୍ଗଠନକୁ ନେଇ ବିଭିନ୍ନ ରାଜ୍ୟର ପ୍ରକଳ୍ପ ସଙ୍ଗଠନ କାର୍ଯ୍ୟକର୍ତ୍ତା ମହାସଂଘ ବୈଠକ ଛତିଶଗଡ ରାଜ୍ୟ ପ୍ରକଳ୍ପ ଶିପଥଠାରେ ଗତ ୫ ଓ ୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଣିହାଁ ଏନ୍‌ଟିପିସି ପ୍ରକଳ୍ପ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ବୀରେନ୍ଦ୍ର କୁମାର କାନୁନ୍‌ଗୋଙ୍କୁ ପ୍ରକଳ୍ପ ମହାସଂଘର ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହାକୁ ନେଇ କଣିହାଁ ପ୍ରକଳ୍ପ ବିଦ୍ୟୁତ୍ କର୍ମଚାରୀ ସଂଘ ତରଫରୁ କାନୁନ୍‌ଗୋଙ୍କୁ ସମ୍ବର୍ଦ୍ଧନା ଜଣାଯାଇଛି। ଏଥିରେ ଭାରତୀୟ ମଜଦୁର ସଂଘ ସହବନ୍ଧିତ ସଙ୍ଗଠନ କାର୍ଯ୍ୟକର୍ତ୍ତାଙ୍କ ଜାତୀୟ ସଙ୍ଗଠନ ନେତୃମଣ୍ଡଳୀ ଏଥିରେ ଯୋଗ ଦେଇଥିଲେ।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଛେଣ୍ଡିପଦା,୧୧।୧(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପଞ୍ଚାୟତ ହାଇସ୍କୁଲ ପକ୍ଷରୁ ଶୁକ୍ରବାର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡା ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ହୃଦାନନ୍ଦ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ସମିତି ସଭାପତି ଲମ୍ବୋଦର ସାହୁ, ଶ୍ରୀକାନ୍ତ ସାହୁ, ଅଶୋକ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର କ୍ରୀଡ଼ାରେ ଭାଗ ନେଇଥିଲେ।






■ ପ୍ରଶାସନିକ ଅବହେଳାର ଶିକାର ଦିବ୍ୟାଙ୍ଗ

# ଘର ନାହିଁ, ମିଳୁନି ଭତ୍ତା

**ଛେଣ୍ଡିପଦା, ୧୧।୧(ସ୍ୱ.ପ୍ର.)**

୭୫ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ବି ଭତ୍ତାରୁ ବଞ୍ଚିତ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ପଞ୍ଚାୟତ ବାଲିନାଳୀ ଗ୍ରାମର ସୁଧାକର ନାଏକ(୬୦)। ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନ ଥିବାରୁ ସରକାରୀ ଯୋଜନାରେ ବାସଗୃହ ଖଣ୍ଡିଏ ଯୋଗାଇଦେବାକୁ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି କରିଥିଲେ ବି କେହି ତାଙ୍କୁ କର୍ଣ୍ଣପାତ କରିନାହାନ୍ତି। ଏପରିକି ଦିବ୍ୟାଙ୍ଗଙ୍କୁ ବିବାହ କଲେ ପ୍ରୋତ୍ସାହନ ରାଶି ପ୍ରଦାନ ବ୍ୟବସ୍ଥାରୁ ମଧ୍ୟ ବାଦ୍ ଦିଆଯାଇଛି।

ସୁଧାକରଙ୍କ କହିବା ମୁତାବକ, ଜନ୍ମରୁ ତାଙ୍କର ଗୋଟିଏ ହାତ ଅଚଳ ହୋଇଥିବାରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରୁ ତାଙ୍କୁ ୭୫ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ହେଲେ ଆଜି ପର୍ଯ୍ୟନ୍ତ ସେ ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ। ୨୦୧୦ରେ ରେଙ୍ଗାଳି ଥାନା ଅଞ୍ଚଳରେ ଯଶୋଦା ସାହୁଙ୍କୁ ବିବାହ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ଦମ୍ପତିଙ୍କୁ ସରକାରଙ୍କ ପ୍ରୋତ୍ସାହନ ରାଶି ମିଳିପାରିନାହିଁ। ବହୁ କଷ୍ଟରେ ଦିନ କାଟୁଥିବାବେଳେ ବାସଗୃହ ନ ଥିବାରୁ ଉଭୟେ କୁକୁରପେଟା ହରିଜନ ସାହିର ଜନୈକ ବ୍ୟକ୍ତିଙ୍କ ପରିତ୍ୟକ୍ତ ଚାଳଘରେ ରହୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କା ଘର ଯୋଜନାରେ ଘର ଖଣ୍ଡିଏ ଯୋଗାଇବାକୁ ପଞ୍ଚାୟତ ପ୍ରତିନିଧି, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହୋଇଥିବା ଯଶୋଦା ଅଭିଯୋଗ କରିଛନ୍ତି। ପ୍ରଶାସନ ସେମାନଙ୍କ ଗୁହାରି ଶୁଣିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଛେଣ୍ଡିପଦା ବିଡିଓ ରୋମାଞ୍ଚିଳ ଖମାରୀ କୁହନ୍ତି, ସୁଧାକରଙ୍କ ବିଷୟରେ ତାଙ୍କ ପାଖରେ କୌଣସି ଖବର ନାହିଁ। ଯଦି ସେ ଦିବ୍ୟାଙ୍ଗ ହୋଇଥିବେ ତୁରନ୍ତ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ମାନସିକ ରୋଗୀ ଉଦ୍ଧାର

**ଅନୁଗୋଳ ଅଫିସ, ୧୧।୧**

ଅନୁଗୋଳ ସହରରେ ବୁଲୁଥିବା ଜଣେ ମାନସିକ ରୋଗୀଙ୍କୁ ଉଦ୍ଧାର କରି ସାମାଜିକ କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଗୁରୁବାର ପିଟିସି ଛକରେ ଗୁରୁତର ଅବସ୍ଥାରେ ରୋଗୀଜଣକ ପଡ଼ିଥିବା ଖବର ପାଇ ସାମାଜିକ କର୍ମୀମାନେ ତାଙ୍କୁ ଉଦ୍ଧାର କରିଥିଲେ। ଅବସ୍ଥା ଭଲ ନ ଥିବାରୁ ତାଙ୍କୁ କଟକ ପଠାଇବାକୁ ଡାକ୍ତର କହିବା ପରେ ଆର୍ଥିକ ସହାୟତା ପାଇଁ ସାମାଜିକ କର୍ମୀ ପ୍ରତାପ ମହାପାତ୍ର ଜିଲାପାଳ ଅନିଲ କୁମାର ସାମଲଙ୍କୁ ଗୁହାରି କରିଥିଲେ। ଜିଲାପାଳ ୩ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ପାଇଁ ଦେଇଥିବା ଜଣାପଡ଼ିଛି।




ANGUL: Beside Hotel Prasanthi, NH-55, Turang. Ph: 78539 25775 / 99370 68960
SAMBALPUR: Plot No.2572 (G+1st Floor), Golebazar, Near Pirbaba Chowk & Bhubaneshwari Temple. Ph: 0663-2532121 / 93370 04051 / 98615 84713 | BHUBHANESHWAR: 1st Floor, SCR Plot No.26, Bapuji Nagar, Janapath. Ph: 0674-2597190 / 93370 3866 / 94371 67283.
For franchise enquiries contact: 9337038666 / 9437167283




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ